ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ କୋଭିଡ୍ ହସ୍ପିଟାଲ୍ ଲୋକାର୍ପିତ

ମହାମାରୀ ବିରୋଧରେ ଲଢ଼େଇ ଜାରି ରହିଛି

- ଗଞ୍ଜାମରେ କ୍ରମାଗତ କମୁଛି ସଂକ୍ରମଣ ହାର
- ଉପଲବ୍ଧ ହେବ ୩୦୦ ଶଯ୍ୟା, ୪୮ ଆଇସିୟୁ
- ଦକ୍ଷିଣ ଓଡ଼ିଶାବାସୀଙ୍କୁ ମିଳିବ ଚିକିତ୍ସା ସୁବିଧା

GOVERNMENT OF ODISHA
ASHWINI COVID HOSPITAL
BERHAMPUR, GANJAM
INAUGURATED BY
HONOURABLE CHIEF MINISTER OF ODISHA
Sj. NAVEEN PATNAIK
On Date- 01.08.2020
FUNDED BY: CMRF
At- AMIT HOSPITAL
KANISI RANDHA ROAD, NH-16, BERHAMPUR
GANJAM, ODISHA - 760006
ଓଡ଼ିଶା ସରକାର
GOVERNMENT OF ODISHA

ଭୁବନେଶ୍ୱର, ବ୍ରହ୍ମପୁର,୧।୮/ଏନ୍‌ଏନ୍‌ଏସ୍: ଗଞ୍ଜାମ ଜିଲ୍ଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶନିବାର ଭିଡିଓ କନଫରେନ୍ସିଂ ଯୋଗେ ୨ଟି କୋଭିଡ୍ ହସ୍ପିଟାଲ ଲୋକାର୍ପିତ ହୋଇଯାଇଛି। ଏହି ଦୁଇଟି ହସ୍ପିଟାଲରେ ୧୫୦ଟି ଲେଖାଏଁ ମୋଟ ୩୦୦ ଶଯ୍ୟା ଏବଂ ୨୪ଟି ଆଇସିୟୁ ବେଡ୍ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଗଞ୍ଜାମ ଜିଲ୍ଲାରେ ସଂକ୍ରମଣ ହାର କ୍ରମାଗତ ଭାବରେ କମୁଛି। ଗଞ୍ଜାମରେ ଆରୋଗ୍ୟ ହାର ଜାତୀୟ ହାର ଠାରୁ ଅଧିକ ରହିଛି ଏବଂ ଜିଲ୍ଲାର ୮୫ ପ୍ରତିଶତ ଗ୍ରାମାଞ୍ଚଳ ସବୁଜ ଅଞ୍ଚଳରେ ରହିଛି। କିନ୍ତୁ ଯେପର୍ଯ୍ୟନ୍ତ ଟିକା ବା ନିର୍ଦ୍ଦିଷ୍ଟ ଚିକିତ୍ସା ପଦ୍ଧତି ନ ବାହାରିଛି ଏହି ମହାମାରୀ ବିରୋଧରେ ଫଳପ୍ରଦ ଲଢ଼େଇର ଏକମାତ୍ର ଉପାୟ ହେଉଛି ମାସ୍କର ବ୍ୟବହାର, ସାମାଜିକ ଦୂରତ୍ୱ ଓ ସରକାରଙ୍କ କୋଭିଡ ନିୟମାବଳୀର ପାଳନ। ଜନସାଧାରଣ କୋଭିଡ ନିୟମାବଳୀକୁ ହାଲ୍‌କା ଭାବରେ ନନେଇ ଏହାର ଗୁରୁତ୍ୱକୁ ଭଲ ଭାବରେ ବୁଝନ୍ତୁ। ନିଜର ଏବଂ ନିଜ ପରିବାରର ସୁରକ୍ଷା ଦୃଷ୍ଟିରୁ ସବୁ କୋଭିଡ ନିୟମକୁ କଡ଼ାକଡ଼ି ଭାବରେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଏହି ଅବସରରେ ନିବେଦନ କରିବା ସହ ଗହଳିକୁ ନଯିବା ପାଇଁ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅନଲକ୍ ପରେ ଦେଶର ହଟସ୍ପଟ ଅଞ୍ଚଳରୁ ବହୁ ଲୋକ ଘରକୁ ଫେରିଛନ୍ତି। କୋଭିଡ ଯୋଦ୍ଧାମାନଙ୍କର ତ୍ୟାଗ, ନିଷ୍ଠା ଏବଂ ଗଞ୍ଜାମର ଜନସାଧାରଣଙ୍କର ସହଯୋଗ ଯୋଗୁଁ ଗଞ୍ଜାମ ଜିଲ୍ଲା ଏହି ମହାମାରୀ ବିରୋଧରେ ସଫଳତାର ସହ ଲଢ଼େଇ ଜାରି ରଖିଛି। ଏଥିପାଇଁ ଜିଲ୍ଲା ପ୍ରଶାସନକୁ ଏବଂ ଗଞ୍ଜାମର ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। କରୋନା ମହାମାରୀ କବଳରୁ ଲୋକମାନଙ୍କ ଜୀବନରକ୍ଷା ନିମନ୍ତେ ସରକାର ସବୁପ୍ରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସାମାଜିକ ଦୂରତ୍ୱ ନିୟମକୁ କଡାକଡି ଭାବରେ ପାଳନ କରିବାକୁ ଗୁରୁତ୍ୱ ଦେଇଥିଲେ।

ଏହି ୨ ହସ୍ପିଟାଲ ଯୋଗେ କେବଳ ଗଞ୍ଜାମ ନୁହଁ ବରଂ ଗଜପତି, କନ୍ଧମାଳ ଏବଂ ଅନ୍ୟ ଜିଲ୍ଲାର କରୋନା ରୋଗୀ ମଧ୍ୟ ଚିକିତ୍ସା ସୁବିଧା ପାଇପାରିବେ ବୋଲି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।

ସୂଚନାଯୋଗ୍ୟ ଆଜି ଉଦ୍‌ଘାଟିତ ହୋଇଥିବା ଦୁଇଟି କୋଭିଡ ହସ୍ପିଟାଲ ମଧ୍ୟରୁ ପ୍ରଥମଟି କଟକର ଅଶ୍ୱିନୀ ହସ୍ପିଟାଲ ସହାୟତାରେ ନିର୍ମିତ। ଏହି ହସ୍ପିଟାଲଟି ୧୫୦ ଶଯ୍ୟା ଓ ୨୪ ଆଇସିୟୁ ବିଶିଷ୍ଟ। ଏହି ଅବସରରେ ସେଠାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏବଂ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମପୁର ଏମ୍‌କେସିଜି ପରିସରରେ ଶୁଭାରମ୍ଭ ହୋଇଥିବା ଦ୍ୱିତୀୟ କୋଭିଡ୍ ହସ୍‌ପିଟାଲରେ ୧୫୦ଟି ଶଯ୍ୟା ରହିଛି ଏବଂ ୨୪ଟି ଆଇସିୟୁର ସୁବିଧା ମଧ୍ୟ ରହିଛି। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଅର୍ଥ ବିନିଯୋଗରେ ଗୋଳନ୍ଥରାସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ ନିର୍ମିତ ହୋଇଛି। ଏଠାରେ ୧୫୦ଟି ଶଯ୍ୟା ଏବଂ ୨୪ଟି ଆଇସିୟୁ ରହିଛି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ସୂଚନା ଦେଇଛନ୍ତି। ଏହି ୨ଟି ହସ୍ପିଟାଲ ଯୋଗେ ଗଞ୍ଜାମ ଜିଲ୍ଲାର କରୋନା ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ କରାଯାଇପାରିବ। ଏହା ବ୍ୟତୀତ ବର୍ତ୍ତମାନ ରାଜ୍ୟରେ ପ୍ଲାଜ୍‌ମା ଥେରାପି କରୋନାକୁ ହଟାଇବାରେ ସଫଳ ହୋଇଥିବାରୁ ଆଗାମୀ ଦିନରେ ପ୍ଲାଜ୍‌ମା ଯୋଗେ ଚିକିତ୍ସାକୁ ଅଧିକ ଗୁରୁତ୍ୱ ଦିଆଯିବ। ଯେଉଁ ବ୍ୟକ୍ତିମାନେ ଜିଲ୍ଲାରେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଛନ୍ତି, ସେମାନେ ପ୍ଲାଜ୍‌ମା ଦାନ କରିବାକୁ ଆଗଭର ହୁଅନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ନିବେଦନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ୨୯୦ ଜଣ ପ୍ଲାଜ୍‌ମା ଦାନ କରିବା ପାଇଁ ପଞ୍ଜିକୃତ ହୋଇଛନ୍ତି। ରାଜ୍ୟ ସରକାର ଖୁବ୍‌ଶୀଘ୍ର ବ୍ରହ୍ମପୁର ଏମ୍‌କେସିଜିରେ ପ୍ଲାଜ୍‌ମା ବ୍ୟାଙ୍କର ବ୍ୟବସ୍ଥା କରିବେ। ଫଳରେ ପ୍ଲାଜ୍‌ମା ସଂଗ୍ରହ କରିବାର ସୁବିଧା ରହିବ ବୋଲି ଶ୍ରୀ ଆରୁଖ ସୂଚନା ଦେଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଏମ୍‌କେସିଜିଠାରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଟି. ଆପାଙ୍ଗ ଆଓ, ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବ୍ରହ୍ମପୁର ଉପ-ଜିଲ୍ଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁରର ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଟାଟା କୋଭିଡ୍ ହସ୍ପିଟାଲର ପରିଚାଳନା ଦାୟିତ୍ୱରେ ଥିବା ଡାକ୍ତର ଉମା ଶଙ୍କର ମିଶ୍ର, ଏମ୍‌କେସିଜି ମେଡିକାଲ କଲେଜ ଅଧକ୍ଷା ତଥା ଡିନ୍ ପ୍ରଫେସର ଦୀପ୍ତିମୟୀ ତ୍ରିପାଠୀ, ଏମ୍‌କେସିଜି ମେଡିକାଲ କଲେଜ ହସ୍ପିଟାଲର ଅଧୀକ୍ଷକ ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ର, ଗଞ୍ଜାମ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଉମା ଶଙ୍କର ମିଶ୍ର, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସୁନିଲ ଅଗ୍ରୱାଲ, ପ୍ରଶାସନିକ ଅଧିକାରୀ ସଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅପରାଜିତା ମାରିଲେ ପ୍ରଶ୍ନବାଣ

‘ପ୍ରବାସୀ ଶ୍ରମିକଙ୍କ ପାଇଁ କ’ଣ କରିଛନ୍ତି ରାଜ୍ୟ ସରକାର’

ଭୁବନେଶ୍ୱର,୧।୮/ଏନ୍‌ଏନ୍‌ଏସ୍: ପ୍ରବାସୀ ଶ୍ରମିକଙ୍କ ସମସ୍ୟାକୁ ନେଇ ଶନିବାର ସରକାରଙ୍କୁ ପ୍ରଶ୍ନବାଣ ମାରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଜାତୀୟସ୍ତରରେ ଲକ୍‌ଡାଉନ ପରେ ରାଜ୍ୟକୁ ପ୍ରାୟ ୯ ଲକ୍ଷ ପ୍ରବାସୀ ଓଡ଼ିଆ ଶ୍ରମିକ ଫେରିଥିଲେ। ମାତ୍ର ଏଠାରେ କର୍ମନିଯୁକ୍ତିର ଅଭାବ ଯୋଗୁଁ ସେମାନେ ବାଧ୍ୟ ହୋଇ ପୁଣି ରାଜ୍ୟ ବାହାରକୁ ବାହୁଡ଼ିଲେଣି। ଦୀର୍ଘ ୨୦ ବର୍ଷ ଧରି କ୍ଷମତାରେ ଥିବା ରାଜ୍ୟ ସରକାର ସେମାନଙ୍କ ପାଇଁ କ’ଣ କରିଛନ୍ତି ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି। ଏପରିକି ପଡ଼ୋଶୀ ମଧ୍ୟପ୍ରଦେଶ ଓ ଛତିଶଗଡ଼ ପ୍ରବାସୀ ଶ୍ରମିକଙ୍କ ପାଇଁ ବହୁ ପଦକ୍ଷେପ ନେଇଥିବା ବେଳେ ଆମ ରାଜ୍ୟ ସରକାର କେବଳ ନିରବଦ୍ରଷ୍ଟା ପାଲଟିଛନ୍ତି ବୋଲି ଅପରାଜିତା କହିଛନ୍ତି।

ନିଜ ଅଭିଯୋଗରେ ସେ କହିଲେ ଯେ ମୁଖ୍ୟତଃ ଦାରିଦ୍ର୍ୟ ଓ କର୍ମନିଯୁକ୍ତିର ଅଭାବ ପାଇଁ ରାଜ୍ୟର ଭାଇ ଭଉଣୀମାନେ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି। ଔଦ୍ୟୋଗୀକରଣ ଦିଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ମାତ୍ରାରେ ବିଫଳ ହୋଇଛନ୍ତି। ରାଜ୍ୟରେ ବୃହତ୍ ଫାର୍ମା ଇଣ୍ଡଷ୍ଟ୍ରୀ, ଲେଦର, ବାୟୋଟେକ କ୍ଲଷ୍ଟର ନାହିଁ। ଅନ୍ୟପଟେ ଅନ୍ୟରାଜ୍ୟର ବଡ଼ ବଡ଼ କାରଖାନାଗୁଡ଼ିକରେ ଅଟୋ କମ୍ପୋନେଣ୍ଟ, କାଷ୍ଟିଂ, କାର୍ବନ ଗ୍ରେଡ୍ ଷ୍ଟିଲ୍ ତିଆରି ହେଉଥିବା ବେଳେ ଓଡ଼ିଶା ସେମାନଙ୍କୁ କଞ୍ଚାମାଲ ଯୋଗାଉଛି। ଆମ ରାଜ୍ୟରେ ଭ୍ୟାଲୁ ଆଡିସନ ଯଦି ସଠିକ ବାବେ ହେଉଥାନ୍ତା ତାହେଲେ ରାଜ୍ୟର ଯୁବକ ଯୁବତୀମାନେ ଅନ୍ୟରାଜ୍ୟକୁ ଯିବାକୁ ପଡ଼ନ୍ତା ନାହିଁ ବୋଲି ସେ କହିଛନ୍ତି। ରାଜ୍ୟକୁ ଲକ୍ଷ ଲକ୍ଷ ସଂଖ୍ୟାରେ ପ୍ରବାସୀ ଫେରିବା ପରେ କେନ୍ଦ୍ର ସରକାର ବାରମ୍ବାର କହିବା ସତ୍ତ୍ୱେ ମଧ୍ୟ ଶ୍ରମିକଙ୍କ ଦକ୍ଷତା ନିରୂପଣ କରାଯାଇପାରିଲା ନାହିଁ। ଆଖପାଖ ରାଜ୍ୟ ଯେପରିକି ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କିନ୍ତୁ ଶ୍ରମିକଙ୍କ କର୍ମନିଯୁକ୍ତି ପାଇଁ ସେଠାକାର ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶେଷକରି ମଧ୍ୟପ୍ରଦେଶରେ ସେଠାକାର ସରକାର ରୋଜଗାର ସେତୁ ନାମକ ଏକ ଆପ୍ ତିଆରି କରି ଶ୍ରମିକଙ୍କୁ ରୋଜଗାର ପ୍ରଦାନ କରିବାରେ ସଫଳ ହୋଇଛନ୍ତି। ଏହି ଆପ୍‌ରେ ମଧ୍ୟପ୍ରଦେଶକୁ ଗତ ମାର୍ଚ୍ଚ ୧ ତାରିଖରୁ ଜୁନ୍ ମାସ ଶେଷ ସୁଦ୍ଧା ଫେରିଥିବା ଶ୍ରମିକମାନଙ୍କ ପଞ୍ଜୀକରଣ କରାଯିବା ସହ ସେମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଥିଲା। ନିଯୁକ୍ତିଦାତାମାନେ ଆପ୍‌ରୁ ଶ୍ରମିକମାନଙ୍କୁ ଚୟନ କରି ସେମାନଙ୍କୁ କାମ ଦେଇ ପାରିଛନ୍ତି। ଛତିଶଗଡ଼ରେ ଜିଲ୍ଲାସ୍ତରରେ ୩୨ଟି କାଉନସେଲିଂ ସେଣ୍ଟର ପ୍ରତିଷ୍ଠା କରାଯାଇଥିବା ବେଳେ ବ୍ଲକସ୍ତରରେ ଶ୍ରମିକଙ୍କ ସମସ୍ୟା ବୁଝିବା ପାଇଁ ୩୮୯ଟି ସେଣ୍ଟର ପ୍ରତିଷ୍ଠା ହୋଇଛି। ଏପରି ସମୟରେ ଓଡ଼ିଶାରେ ସରକାର ଶ୍ରମିକଙ୍କ ପାଇଁ କ’ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ମନରେଗାରେ ଗ୍ରାମାଞ୍ଚଳର ଶ୍ରମିକଙ୍କ ପାଇଁ ମୋଦୀ ସରକାର ୨୨୫୭ କୋଟି ଟଙ୍କା ପ୍ରଦାନ କରିଥିଲେ। ଏହାକୁ ଭଲଭାବେ ବିନିଯୋଗ କରାଯାଇଥିଲେ ଶ୍ରମିକମାନେ ଆଉ ବାହାର ରାଜ୍ୟକୁ ଯାଇନଥାନ୍ତେ। ମାତ୍ର ତାହା କରାଯାଇପାରିଲା ନାହିଁ। ସେହିପରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଦେଶବ୍ୟାପୀ ୧୧୬ ଜିଲ୍ଲାକୁ ଚୟନ କରାଯାଇଥିବା ବେଳେ ଓଡ଼ିଶାର ୪ ଜିଲ୍ଲା ସ୍ଥାନ ପାଇଥିଲା। କେନ୍ଦ୍ର ସରକାର ଏହି ଜିଲ୍ଲାମାନଙ୍କ ପାଇଁ ୫୦ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଥିବା ବେଳେ ଓଡ଼ିଶାର ପ୍ରଦର୍ଶନ ଏଠାରେ ମଧ୍ୟ ନୈରାଶ୍ୟଜନକ ବୋଲି ସେ ଅଭିଯୋଗ କରିଛନ୍ତି।

ହରିଦାସପୁର-ପାରାଦୀପ ରେଳପଥରେ ମାଲବାହୀ ଟ୍ରେନକୁ ବିରୋଧ

ବାଧା ସୃଷ୍ଟି ନକରିବାକୁ ରେଳବାଇର ନିବେଦନ

KENDRAPARA

କେନ୍ଦ୍ରାପଡ଼ା, ୧।୮/ଏନ୍‌ଏନ୍‌ଏନ୍: ହରିଦାସପୁର-ପାରାଦୀପ ରେଳପଥରେ ଶୁକ୍ରବାର ପରୀକ୍ଷାମୂଳକ ଭାବେ ଚଳାଚଳ ଆରମ୍ଭ କରିଥିବା ମାଲବାହୀ ଟ୍ରେନକୁ ସ୍ଥାନୀୟ ଲୋକେ ବିରୋଧ କରି ରେଳରୋକ କରିଥିଲେ। ତେବେ ରେଳ ଚଳାଚଳ ପୂର୍ବରୁ ପରୀକ୍ଷାମୂଳକ ଟ୍ରାଏଲ ରନ୍‌ର ଆବଶ୍ୟକତା ରହିଥିବାରୁ ଜନସାଧାରଣଙ୍କୁ ଏଥିରେ ବାଧା ନଦେବାକୁ ପୂର୍ବତଟ ରେଳ ବିଭାଗ ପକ୍ଷରୁ ଶନିବାର ଏକ ପ୍ରେସ୍ ବିବୃତି ମାଧ୍ୟମରେ ନିବେଦନ କରାଯାଇଛି।

ପୂର୍ବତଟ ରେଳପଥ ବିଭାଗରୁ ମିଳିଥିବା ପ୍ରେସ ବିବୃତି ଅନୁସାରେ, ବହୁ ପ୍ରତୀକ୍ଷିତ ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହି ପଥରେ ଗତ ଜୁଲାଇ ୩୧ ତାରିଖରୁ ପରୀକ୍ଷାମୂଳକ ଭାବରେ ରେଳ ଚଳାଚଳ ଆରମ୍ଭ ହୋଇଛି। ତେବେ ଏହି ପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ନେଇ ଲୋକଙ୍କ ମଧ୍ୟରେ ଥିବା ଉଚ୍ଚ ଅଭିଳାଷକୁ ପୂର୍ବତଟ ରେଳପଥ ପ୍ରଶଂସା କରୁଛି। କିନ୍ତୁ ଯାତ୍ରୀବାହୀ ଟ୍ରେନ୍ ଚଳଚଳ କରିବା ପୂର୍ବରୁ ବହୁ ନିରାପତ୍ତାଭିତ୍ତିକ କାର୍ଯ୍ୟର ଆବଶ୍ୟକତା ରହିଛି। ରେଳଯାତ୍ରୀମାନଙ୍କ ସୁବିଧା ପାଇଁ କେତେକ ଯୋଗାଣ କାର୍ଯ୍ୟ କରାଯିବାର ମଧ୍ୟ ଅବଶ୍ୟକତା ରହିଛି। ପରୀକ୍ଷାମୂଳକ ମାଲବାହୀ ଟ୍ରେନ ଚଳାଚଳ ହେଉଛି ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ନିମନ୍ତେ ପ୍ରାଥମିକ ପଦକ୍ଷେପ। ତେବେ ଏଥିନିମନ୍ତେ ଅତ୍ୟାବଶ୍ୟକ ନିରାପତ୍ତା କାର୍ଯ୍ୟ ଶେଷ କରିବା ସହ ଯାତ୍ରୀ ସୁବିଧା ଉପଲବ୍ଧ କରାଇବା ଆବଶ୍ୟକ ରହିଛି ବୋଲି ରେଳ ବିଭାଗ ପକ୍ଷରୁ ଦର୍ଶାଯାଇଛି। ମାଲବାହୀ ଟ୍ରେନ୍‌ର ଟ୍ରାଏଲ ରନ୍‌କୁ ବାଧାପ୍ରାପ୍ତ କଲାପରି କାର୍ଯ୍ୟ ଯଦି କାରାଯାଏ ତେବେ ଏହି ଲାଇନରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ଫିଟ୍ ବା ଉପଯୁକ୍ତ କରାଯିବାର ସମସ୍ତ ପ୍ରଣାଳୀ ଭବିଷ୍ୟତରେ ଅହୁରି ବିଳମ୍ବ ଆଡ଼କୁ ଟାଣି ହୋଇଯିବ। ତେଣୁ ନିକଟ ଭବିଷ୍ୟତରେ ଚଳାଚଳ କରିବାକୁ ଥିବା ଯାତ୍ରୀବାହୀ ଟ୍ରେନ ପାଇଁ ରେଳପଥକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାକୁ ମାଲବାହୀ ଟ୍ରେନର ପରୀକ୍ଷାମୂଳକ ଚଳାଚଳକୁ ବାଧା ପ୍ରାପ୍ତନକରି, ସୁରୁଖୁରରେ ଯାତ୍ରା ପାଇଁ ଦିଆଯିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଜନସାଧାରଣଙ୍କୁ ପ୍ରେସ ବିବୃତି ମାଧ୍ୟମରେ ନିବେଦନ କରାଯାଇଛି।

ଓଏସ୍‌ଟିଏଫ୍ ବନ୍ଦ ନେଇ ଘେରିଲା ବିଜେପି

ଗରିବଙ୍କ ସହ ପ୍ରତାରଣା କରିଛନ୍ତି ରାଜ୍ୟ ସରକାର: ଗୋଲକ ମହାପାତ୍ର

ଭୁବନେଶ୍ୱର,୧।୮/ଏନ୍‌ଏନ୍‌ଏସ୍: ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି(ଓଏସ୍‌ଟିଏଫ) ବନ୍ଦ ହେବା ନେଇ ରାଜ୍ୟ ସରକାରଙ୍କୁ ଘେରିଛି ବିଜେପି। ଏନେଇ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି ଯେ ଫେବୃଆରୀ ମାସରେ ଓଏସ୍‌ଟିଏଫ୍ ବନ୍ଦ ହେବ ନାହିଁ ବୋଲି ରାଜ୍ୟ ସରକାର ବିଧାନସଭାରେ ଉତ୍ତର ରଖିଥିଲେ। ମାତ୍ର କରୋନା ମହାମାରୀ ସମୟରେ କ’ଣ ପାଇଁ ଏଭଳି ଯୋଜନାକୁ ବନ୍ଦ କଲେ? ଓଏସ୍‌ଟିଏଫ୍‌କୁ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଯୋଜନା କହୁଥିବା ବେଳେ ରାଜ୍ୟସରକାର ଏହାକୁ ବନ୍ଦ କରି ଗରିବଙ୍କ ପ୍ରତି ପ୍ରତାରଣା କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକ୍ଷମ କରିବାକୁ ଦାବି

ଶ୍ରୀ ମହାପାତ୍ର କହିଛନ୍ତି ଯେ ଓଏସ୍‌ଟିଏଫ୍ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଆସୁଥିବାରୁ ଏହାକୁ ବନ୍ଦ କଲେ ଲକ୍ଷ ଲକ୍ଷ ପରିବାର ବାହାର ରାଜ୍ୟରେ ଚିକିତ୍ସା ହେବାରୁ ବଞ୍ଚିତ ହେବେ। ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତ ସରକାରୀ ହସ୍ପିଟାଲ ସହ ୨୦୮ ସ୍ୱୀକୃତିପ୍ରାପ୍ତ ବେସରକାରୀ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳିବ ବୋଲି ରାଜ୍ୟ ସରକାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମାତ୍ର ବିଧାନସଭାରେ ସରକାର ରଖିଥିବା ତଥ୍ୟ ଅନୁଯାୟୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସୁବିଧା ମିଳିଥିବା ସ୍ୱୀକୃତିପ୍ରାପ୍ତ ବେସରକାରୀ ହସ୍ପିଟାଲ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଛି। ରାଜ୍ୟରେ ଗତ ନଭେମ୍ବର ୧୮ ତାରିଖରେ ସ୍ୱୀକୃତିପ୍ରାପ୍ତ ବେସରକାରୀ ହସ୍ପିଟାଲ ସଂଖ୍ୟା ୧୯୬ ଥିବାବେଳେ ୧୬ ଫେବୃଆରୀ ୨୦୨୦ ସୁଦ୍ଧା ଏହା କମି ୧୮୦ ରେ ପହଞ୍ଚିଛି। ଏକ ବର୍ଷ ମଧ୍ୟରେ ବେସରକାରୀ ହସ୍ପିଟାଲ ସଂଖ୍ୟା କମିଲା କିପରି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜଣେ ରୋଗୀ ନିଜର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିପାରିବ ନାହିଁ। ବିଶେଷକରି ଏହି ଯୋଜନାରେ ବ୍ୟବସ୍ଥା କରାଯାଇଥିବା ଅର୍ଥରେ ଆଇସିୟୁ ସେବା ଉପଲବ୍ଧିତା କଷ୍ଟକର ବ୍ୟାପାର ହୋଇଥିବା ବେଳେ କିଡ୍‌ନୀ ପ୍ରତ୍ୟାରୋପଣ, ନ୍ୟୁରୋ ସର୍ଜରୀ, ଅର୍ଥୋ ସର୍ଜରୀ ଆଦି ଗୁରୁତର ଅପରେସନ ଅସମ୍ଭବ ବ୍ୟାପାର ଅଟେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୭୦ ଲକ୍ଷ ପରିବାରଙ୍କୁ ଯୋଡ଼ିବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ବିଧାନସଭା ୨୦୧୮-୧୯ ତଥ୍ୟରୁ ଜଣାପଡ଼ିଛି ଯେ, ମାତ୍ର ସାଢ଼େ ୩କୋଟି ଟଙ୍କା ଏହି ଯୋଜନାରେ ଖର୍ଚ୍ଚ ହୋଇଛି। ତେଣୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ପ୍ରଗତି ଓଡ଼ିଶାରେ ଆଶାଜନକ ନୁହେଁ। ତେଣୁ ଯଦି ରାଜ୍ୟ ସରକାର ଅର୍ଥାଭାବର ସମ୍ମୁଖୀନ ହେଉଛନ୍ତି ତେବେ ଆୟୁଷ୍ମାନ ଭାରତ ଯୋଜନାରେ ଯୋଡ଼ିହେବା ପାଇଁ ଶ୍ରୀ ମହାପାତ୍ର ଅନୁରୋଧ କରିଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ସାରା ଦେଶରେ ୨୦ ହଜାର ହସ୍ପିଟାଲରେ ଗରିବ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଦେଶର ଯେକୌଣସି ପ୍ରାନ୍ତରେ ଥିଲେ ବି ସାଧାରଣ ଲୋକଟିଏ ଚିକିତ୍ସିତ ହୋଇପାରିବ ବୋଲି ସେ କହିଛନ୍ତି। ଆୟୁଷ୍ମାନ ଭାରତରେ ରାଜ୍ୟ ସରକାର ଯୋଡ଼ିହେଲେ ଏସ୍‌ଇସିସି ତାଲିକା ଅନୁଯାୟୀ ୬୧ ଲକ୍ଷ ୩୫ ହଜାର ଲୋକଙ୍କ ସହିତ ସହରାଞ୍ଚଳରେ ବାସ କରୁଥିବା ଡ୍ରାଇଭର ଏବଂ ସଫେଇ କର୍ମଚାରୀ ଏହି ଯୋଜନାରେ ସୁବିଧା ପାଇପାରିବେ। ମାତ୍ର ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନାକୁ ଗ୍ରହଣ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟ ସରକାର ନିଜ ଜିଦ୍‌ରୁ ହଟି ଓଡ଼ିଆ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ସହାୟକ ହୋଇ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ ଲାଗୁକରନ୍ତୁ ବୋଲି ଶ୍ରୀ ମହାପାତ୍ର ଅନୁରୋଧ କରିଛନ୍ତି।

ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ପ୍ରତିବାଦରେ ୯ରେ ଜେଲ୍‌ଭରୋ ଆନ୍ଦୋଳନ

ଭୁବନେଶ୍ୱର,୧।୮/ଏନ୍‌ଏନ୍‌ଏସ୍: ଓଡ଼ିଶାରେ କରୋନା ସଂକ୍ରମଣ ସଂକଟ ସମୟରେ ପ୍ରାୟ ୧୦ କୋଟିରୁ ଉର୍ଦ୍ଧ୍ୱ ଶ୍ରମିକ ବେରୋଜଗାର ହୋଇଥିବା ବେଳେ ସରକାର ସେମାନଙ୍କର ଜୀବିକାକୁ ସୁନିଶ୍ଚିତ କରିବା ବଦଳରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଯୁକ୍ତି ପ୍ରକ୍ରିୟାକୁ ସଙ୍କୁଚିତ କରିବା ସହିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ବ୍ୟାପକ ଘରୋଇକରଣ, ନୂଆ ପଦବୀ ସୃଷ୍ଟି ନକରିବା, ଠିକା ନିଯୁକ୍ତିକୁ ବନ୍ଦ କରିବା, ଖାଲିଥିବା ପଦକୁ ରଦ୍ଦ କରିବା ଲାଗି ଅଧିସୂଚନାକୁ ୬ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ନିନ୍ଦା କରିଛନ୍ତି। ଶ୍ରମିକମାନଙ୍କୁ ମାସିକ ୭୫୦୦/- ସହାୟତା ନଦେବା, ଶ୍ରମିକ ନେତାମାନଙ୍କ ବିରୋଧରେ ମିଥ୍ୟା ମାମଲା କରିବା ବିରୋଧରେ ଆସନ୍ତା ଅଗଷ୍ଟ ୯ ତାରିଖରେ ସାରା ଭାରତରେ ଜେଲଭରୋ ଆନ୍ଦୋଳନ କରାଯିବ ବୋଲି ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହର ନେତୃବନ୍ଦ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟରେ ବନ୍ଦଥିବା ସମସ୍ତ ଶିଳ୍ପର ପୁନଃରଦ୍ଧାର କରି ଚାଲୁ କରିବା, ନୂଆ ନିଯୁକ୍ତି ପ୍ରତ୍ୟାହରର ଅଧିସୂଚନାକୁ ରଦ୍ଦ କରିବା, ପ୍ରତ୍ୟେକ କର୍ମଜୀବୀମାନଙ୍କ ଜୀବନ ଜୀବିକାକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଠାରେ ଦାବି କରିଛନ୍ତି।

ଉକ୍ତ ଆଲୋଚନାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଓଡ଼ିଶା ଶାଖାର ସଭାପତି ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ମଦନ ମୋହନ ଧଳ ଓ ସାଧାରଣ ସମ୍ପାଦକ କିଶୋର ଜେନା, ଏଚ୍‌ଏମ୍‌ଏସର ଉପ-ସାଧାରଣ ସମ୍ପାଦକ, ବୀରେନ୍ଦ୍ର ପ୍ରସାଦ ଦାସ, ଏଆଇଟିୟୁସିର ରାମକୃଷ୍ଣ ପଣ୍ଡା ଓ ବିଜୟ ଜେନା, ସିଆଇଟିୟୁର ସଭାପତି ଜନାର୍ଦ୍ଦନ ପତି, ଶ୍ରୀମତୀ ପୁଷ୍ପା ପଣ୍ଡା ଓ ସତ୍ୟାନନ୍ଦ ବେହେରା, ଏଆଇସିସିଟିୟୁସିର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ସେଠୀ ଓ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା ଓ ଏଆଇୟୁଟିୟୁସିର ନିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଉଚ୍ଚଶିକ୍ଷା ବିଭାଗ-ଟ୍ରେଜେରୀ ମଧ୍ୟରେ ତାଳମେଳ ନାହିଁ

ପେନ୍‌ସନରୁ ବଞ୍ଚିତ ୧୨୦ ଅବସରପ୍ରାପ୍ତ ଅଧ୍ୟାପକ

ଭୁବନେଶ୍ୱର,୧।୮/ଏନ୍‌ଏନ୍‌ଏସ୍: ସରକାର ସାଧାରଣ ଜନତାଙ୍କୁ ସର୍ବୋତ୍କୃଷ୍ଟ ସେବା ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା ବେଳେ ଉଚ୍ଚଶିକ୍ଷା ବିଭାଗରେ କିନ୍ତୁ ବିଚିତ୍ର ନୀତି ସାମ୍ନାକୁ ଆସିଛି। ଏବେ ସମଗ୍ର ରାଜ୍ୟରେ କରୋନା କଟକଣା ଯୋଗୁଁ ଲୋକେ ବାହାରିପାରୁ ନଥିବା ବେଳେ ରାଜ୍ୟବ୍ୟାପୀ ପ୍ରାୟ ୧୨୦ ଜଣ ଅବସରପ୍ରାପ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ପେନ୍‌ସନ ଫାଇଲକୁ ଭୁବନେଶ୍ୱରସ୍ଥିତ ଟ୍ରେଜେରୀ ଅଫିସ ଫେରାଇ ଦେଇଛି। ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଦିଆଯାଇଥିବା ଏହି ପେନ୍‌ସନ ସମ୍ପର୍କିତ ଫାଇଲରେ ‘ନୋ-ଏନ୍‌ଗେଜମେଣ୍ଟ ସାର୍ଟିଫିକେଟ’ ନଥିବାରୁ ସମ୍ପୃକ୍ତ ଅଧ୍ୟାପକ/ଅଧ୍ୟାପିକାମାନଙ୍କୁ ପେନ୍‌ସନ ଦିଆଯାଇପାରିବ ନାହିଁ ବୋଲି ଟ୍ରେଜେରୀ ଅଫିସ ସିଧାସଳଖ ଜଣାଇଛି।

ସୂଚନାଥାଉକି ଗତ ଜୁଲାଇ ମାସରେ ବିଭାଗ ପକ୍ଷରୁ ନୂଆକରି ଅବସର ନେଇଥିବା ଅଧ୍ୟାପକଙ୍କ ପାଇଁ ଏକ ନିୟମ ଲାଗୁ କରାଯାଇଛି। (ନିୟମଟି ଆଗରୁ ବିଭାଗ ପକ୍ଷରୁ ଲାଗୁ କରାଯାଇଥିଲେ ମଧ୍ୟ ଏହାକୁ ଏତେ ସକ୍ରିୟତାର ସହ କାର୍ଯ୍ୟକାରୀ କରାଯାଉନଥିଲା)। ନିୟମାନୁଯାୟୀ ନିକଟରେ ଅବସର ଗ୍ରହଣ କରିଥିବା ଅଧ୍ୟାପକ ଓ ଅଧ୍ୟାପିକାମାନେ ନୋ-ଏନ୍‌ଗେଜମେଣ୍ଟ ସାର୍ଟିଫିକେଟ ପ୍ରଦାନ କଲା ପରେ ସେମାନଙ୍କୁ ପେନ୍‌ସନ ସୁବିଧା ପ୍ରଦାନ କରାଯିବ। ଏଥିପାଇଁ ସମ୍ପୃକ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଭୁବନେଶ୍ୱରକୁ ଆସି ସାର୍ଟିଫିକେଟ ଜମା କରିବାକୁ ପଡ଼ିବ। ତେବେ ବର୍ତ୍ତମାନ ରାଜ୍ୟବ୍ୟାପୀ କରୋନା ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ୁଥିବା ବେଳେ ସ୍ଥିତି ଅସମ୍ଭାଳ ହୋଇପଡ଼ିଲାଣି। ସରକାର ମଧ୍ୟ ବାରମ୍ବାର ଅତି ଜରୁରି କାମ ନଥିଲେ ପଦାକୁ ଗୋଡ଼ କାଢ଼ିବାକୁ ମନା କରୁଛନ୍ତି। ବିଶେଷକରି ବୟସ୍କ ଲୋକମାନଙ୍କୁ ପଦାକୁ ଆଦୌ ନ ବାହାରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ବାରମ୍ବାର ଅନୁରୋଧ କରାଯାଉଛି। ତେବେ ଏପରି ପରିସ୍ଥିତିରେ ଉପରୋକ୍ତ ବୟସ୍କ ଅଧ୍ୟାପକ ଓ ଅଧ୍ୟାପିକାମାନେ କିପରି ଭୁବନେଶ୍ୱର ଆସିବେ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। କାରଣ ଏହି ୧୨୦ ଜଣିଆ ତାଲିକାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଅବସରପ୍ରାପ୍ତ ଅଧ୍ୟାପକମାନେ ରହିଛନ୍ତି। ଏପର୍ଯ୍ୟନ୍ତ ସମସ୍ତ ଅଞ୍ଚଳକୁ ଭୁବନେଶ୍ୱରରୁ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇପାରି ନଥିବାରୁ ସମସ୍ୟା ଉପୁଜିଛି।

ଏପଟେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଏହି ନିୟମଟି ଆଗରୁ ଟେଜେରୀ ପକ୍ଷରୁ ଲାଗୁ କରାଯାଉ ନଥିଲା। ତେବେ ଜୁଲାଇ ମାସରେ ଯେଉଁ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକଙ୍କ ପେନ୍‌ସନ ନଥି ଟ୍ରେଜେରୀକୁ ପଠାଯାଇଥିଲା ସେଗୁଡ଼ିକୁ ସମ୍ପୃକ୍ତ କାର୍ଯ୍ୟାଳୟର କର୍ତ୍ତୃପକ୍ଷ ନିର୍ଦ୍ଦେଶାଳୟକୁ ଫେରାଇ ଦେଇଛନ୍ତି। ଏପରିକି ସେମାନଙ୍କ ଫାଇଲରେ ନୋ-ଏନ୍‌ଗେଜମେଣ୍ଟ ସାର୍ଟିଫିକେଟ ସଂଲଗ୍ନ କରି ଦେବାକୁ କୁହାଯାଇଛି। ଯେହେତୁ ରାଜ୍ୟରେ ଗମନାଗମନ ବ୍ୟବସ୍ଥା ଠିକ୍ ନାହିଁ ତେଣୁ ବିଭିନ୍ନ କଲେଜକୁ ଏ ନିୟମ ସମ୍ପର୍କରେ ଅବଗତ କରାଯିବା ସହ ଏଣିକି ଯେଉଁମାନେ ଅବସର ଗ୍ରହଣ କରିବେ ସେମାନଙ୍କ ଡକ୍ୟୁମେଣ୍ଟ ସହ ନୋ-ଏନଗେଜମେଣ୍ଟ ସାର୍ଟିଫିକେଟ ଦେବାକୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।

ଏପରିକି ଜୁଲାଇରେ ଯେଉଁ ୧୨୦ଜଣଙ୍କ ଫାଇଲ ଟ୍ରେଜେରୀକୁ ପଠାଯାଇଥିଲା ସେଗୁଡ଼ିକ ଲାଗି ଏହି ନିୟମ ଲାଗୁ ନକରିବାକୁ ମଧ୍ୟ ଟ୍ରେଜେରୀ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅନୁରୋଧ କରାଯାଇଛି।

ଫିଜିଓଥେରାପି ଛାତ୍ରଛାତ୍ରୀଙ୍କ ସେମିଷ୍ଟର୍ ପରୀକ୍ଷା ମାମଲା

ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ,୧।୮/ଏନ୍‌ଏନ୍‌ଏସ୍: ଫିଜିଓଥେରାପି ଛାତ୍ରଛାତ୍ରୀଙ୍କ ସେମିଷ୍ଟର୍ ପରୀକ୍ଷା ସମ୍ପର୍କିତ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆବେଦନକାରୀ ରୋନିତ ଭୂଷଣ ପଟ୍ଟନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ପ୍ରମଥ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ରାଜ୍ୟ ସରକାର, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ୟୁଜିସିକୁ ମଧ୍ୟ ନୋଟିସ୍ ଜାରି କରିଛନ୍ତି। ସତ୍ୟପାଠ ମାଧ୍ୟମରେ ମାମଲାର ସମସ୍ତ ପ୍ରତିପକ୍ଷଙ୍କୁ ଜବାବ ଦାଖଲ କରିବାକୁ କୁହାଯାଇଛି। ବ୍ୟାଚ୍‌ଲର୍ ଅଫ୍ ଫିଜିଓଥେରାପି (ବିପିଟି)ର ଛାତ୍ରଛାତ୍ରୀଙ୍କ ପଞ୍ଚମ ସେମିଷ୍ଟର୍ ପରୀକ୍ଷା ଅଗଷ୍ଟ ତୃତୀୟ ସପ୍ତାହରେ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ପକ୍ଷରୁ ଗତ ଜୁନ୍ ୨୫ ତାରିଖରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ତେବେ ଭୟଙ୍କର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏଥି ପୂର୍ବରୁ ଜୁନ୍ ୧୮ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରି କରୋନା ସଂକ୍ରମଣ କାରଣରୁ ଚଳିତ ଶିକ୍ଷାବର୍ଷର ଇଣ୍ଟରମିଡିଏଟ୍ ଇଭିନ୍ ସେମିଷ୍ଟର୍ ପରୀକ୍ଷା ହେବ ନାହିଁ ବୋଲି ଦର୍ଶାଇଥିଲା। ତେବେ ବିଶ୍ୱବିଦ୍ୟାଳୟ ଗ୍ରାଣ୍ଟ କମିଶନ୍ (ୟୁଜିସି) ପକ୍ଷରୁ ମଧ୍ୟ ଦର୍ଶାଯାଇଥିଲା ଯେ ଦେଶରେ କରୋନା ସଂକ୍ରମଣ ବହୁଳ ଭାବେ ବୃଦ୍ଧି ପାଉଥିବାରୁ ସାମାଜିକ ଦୂରତ୍ୱ ନିୟମ ପାଳନ କରିବା ଅସମ୍ଭବ। ସେହିପରି ଏହି ସମୟରେ ବହୁ ଛାତ୍ରଛାତ୍ରୀ ନିଜ ନିଜ ଘରକୁ ଚାଲି ଯାଇଥିବାରୁ ଏପରି କ୍ଷେତ୍ରରେ ସେମିଷ୍ଟର୍ ପରୀକ୍ଷା ହୋଇପାରିବ ନାହିଁ ବୋଲି ଦର୍ଶାଇଥିବାବେଳେ ଆବେଦନକାରୀମାନେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୁନ୍ ୨୫ର ପ୍ରକାଶିତ ବିଜ୍ଞପ୍ତିକୁ ରଦ୍ଦ କରିବାକୁ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ।